**ଘର ତାଲା ଭାଙ୍ଗି ସୁନା ଗହଣା, ୧୫ ହଜାର ଲୁଟ୍**

ରାଇରଙ୍ଗପୁର,(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ପୁରୁଣା ଘାଟ ବସ୍ତିର ଲଳିତ ମହାନ୍ତଙ୍କ ଘରୁ ଗୁରୁବାର ଦୁର୍ବୃତ୍ତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଏବଂ ନଗଦ ୧୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଥାନାରେ ଅଭିଯୋଗ ପରେ ପୋଲିସ (ନଂ.୧୮୬/୨୦୨୩) ମାମଲା ରୁଜୁ କରି ତଦନ୍ତ କରୁଛି। ଲଳିତଙ୍କ ପରିବାର ଗୁରୁବାର ସନ୍ଧ୍ୟାରେ ବାହୁଡ଼ା ଯାତ୍ରା ମେଳା ଦେଖିବାକୁ ଯାଇଥିବା ବେଳେ ଲୁଟେରାମାନେ ଲୁଟ୍ କରିଛନ୍ତି। ରାଇରଙ୍ଗପୁର ସର୍କଲ ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ସଦଳବଳେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଥିବା ଜଣାଯାଇଛି।

# ମନ୍ଦିରକୁ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

**ନୀଳଗିରି, ୩୦।୬(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରିରେ ସରିଲା ବାହୁଡ଼ା ଯାତ୍ରା। ଶ୍ରଦ୍ଧାଳୁମାନେ ରଥକୁ ଟାଣି ଟାଣି ନେଇ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ପରେ ଗୋଟି ପହଣ୍ଡିରେ ମନ୍ଦିରକୁ ନିଳାଦ୍ରି ବିଜେ କରିଥିଲେ ଚତୁର୍ଦ୍ଧାମୂର୍ତ୍ତି। ଏହି ସମୟରେ ଅରୁଣସ୍ତମ୍ଭ ସମୁଖରେ ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ ଦେଖିବାକୁ ମିଳିଥିଲା।

ରଥଟଣା କାର୍ଯ୍ୟକ୍ରମକୁ ନୀଳଗିରି ବିଡିଓ ରାହୁଲ ମଣ୍ଡଳ ଓ ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପରିଚାଳନା କରିଥିଲା ବେଳେ ପ୍ରଦୀପ୍ତ ମିଶ୍ର ଓ ଶରତ ଚନ୍ଦ୍ର ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟା ସମୟରେ ମନ୍ଦିର ସମ୍ମୁଖରେ ଜୟ ଜଗନ୍ନାଥ ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିବା ବେଳେ ଭକ୍ତ ଆରାଧ ଦେବତା କାଳିଆ ସାଆନ୍ତଙ୍କୁ ହାତଟେକି ନିଜର ଦୁଃଖ କଷ୍ଟ ସମର୍ପି ଦେଇଥିଲେ। ଶେଷରେ ରୀତିନୀତି ଅନୁସାରେ ରାଜପୁରୋହିତ ରବୀନ୍ଦ୍ର ମହାପାତ୍ର ଲକ୍ଷ୍ମୀ ନାରାୟଣଙ୍କ ଭେଟ, ମହାପ୍ରଭୁଙ୍କର ଦକ୍ଷିଣାୟନ ବନ୍ଦାପନା, ଅଧରପଣା, ପୁଷ୍ପାଞ୍ଜଳି, ରାଜନୀତି ବନ୍ଦାପନା ସାରି ରାଜପୁରୋହିତ ଛେରାପହଁରା କରି ଗୋଟି ପହଣ୍ଡିରେ ପ୍ରଥମେ ରାମକୃଷ୍ଣ ମଦନମୋହନ, ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ନିଳାଦ୍ରୀ ବିଜେ କରାଇଥିଲେ। ବାହୁଡ଼ାଯାତ୍ରାରେ କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରିର ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଉପଜିଲାପାଳ ମନ୍ଦରଧର ମହାଲିକ, ଏସ୍‌ଡିପିଓ ରିତେଶ କୁମାର ମହାପାତ୍ର, ବିଜୁ ଜନତା ଦଳର ରାଜ୍ୟଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ୍‌ଏସି ଅଧକ୍ଷା ଅମ୍ବିକା ଦାସ, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ, ଏନ୍‌ଏସି ଅନୁସୂଚିତ ଜାତି ସଭାପତି ଶରତ ଦାସ, ସନ୍ତୋଷ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।



ବାହୁଡ଼ା ଯାତ୍ରାରେ ରଥକୁ ଟାଣି ଟାଣି ନେଉଛନ୍ତି ଶ୍ରଦ୍ଧାଳୁ।

# ଦେଉଳକୁ ଫେରିଲେ ତିନି ଠାକୁର



ମନ୍ଦିର ସମ୍ମୁଖରେ ତିନିରଥ।

**ବାରିପଦା,୩୦।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

■ ଶ୍ରୀହରିବଳଦେବ ଜୀଉଙ୍କ ବାହୁଡ଼ାଯାତ୍ରା
■ ଜନସମୁଦ୍ର ପାଲଟିଲା ରଥଦାଣ୍ଡ

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ବାହୁଡ଼ାଯାତ୍ରା ଶୁକ୍ରବାର ଶେଷ ହୋଇଛି। ତିନିଠାକୁର ଦେଉଳକୁ ଫେରିଛନ୍ତି। ସୁସଜ୍ଜିତ ଆଲୋକମାଳାରେ ମନ୍ଦିରକୁ ଶ୍ରୀଜୀଉମାନେ ପହଣ୍ଡି ବିଜେ କରିଛନ୍ତି। ରାତିରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନବେଦିରେ ବିଜେ ହୋଇଛନ୍ତି। ମହାପ୍ରଭୁଙ୍କ ତିନି ରଥକୁ ଶ୍ରୀମନ୍ଦିର ନିକଟରେ ପହଞ୍ଚାଇବା ପାଇଁ ରଥଦାଣ୍ଡ ଜନସମୁଦ୍ର ପାଲଟିଥିଲା। ଶ୍ରୀକ୍ଷେତ୍ର ପୁରୀରେ ବାହୁଡ଼ାଯାତ୍ରାର ପରଦିନ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଦୁଇ ଦିନ ଧରି ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଗୁରୁବାର ରଥଟଣା ଆରମ୍ଭ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ପରେ ଦେବୋତ୍ତର ବିଭାଗର ସମୟ ଅନୁଯାୟୀ, ଶୁକ୍ରବାର ଅପରାହ୍ନ ୨ଟା ୩୦ରେ ଅଧାବାଟରେ ଅଟକି ରହିଥିବା ଭଉଣୀ ସୁଭଦ୍ରାଙ୍କ ରଥକୁ ଟାଣି ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳି ଶବ୍ଦରେ ବଡ଼ଦାଣ୍ଡ ଉତ୍ସବମୁଖର ହୋଇପଡ଼ିଥିଲା। ସୁଭଦ୍ରାଙ୍କ ଦର୍ପଦଳନ ରଥରୁ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ଲଡୁ ଫିଙ୍ଗା ଯାଇଥିଲା। କେବଳ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣି ମନ୍ଦିର ନିକଟରେ ପହଞ୍ଚାଇଥିଲେ। ପରେ ଅପରାହ୍ନ ୪ଟାରେ ଅଗଣିତ ଭକ୍ତଙ୍କ ମେଳରେ ବଡ଼ଭାଇ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦେଉଳ ଅଭିମୁଖେ ଗଡ଼ିଥିଲା। ରଥ ଅପରାହ୍ନ ୫.୩୦ରେ ମନ୍ଦିର ନିକଟରେ ପହଞ୍ଚିବା ପରେ ଶ୍ରଦ୍ଧା ଲଡୁ ଫିଙ୍ଗାଯାଇଥିଲା। ସନ୍ଧ୍ୟା ୬.୩୦ରୁ ୭ଟା ୩୦ମଧ୍ୟରେ ମହାପ୍ରଭୁ ଜଗନ୍ନାଥ ଓ ମା’ ଲକ୍ଷ୍ମୀଙ୍କ ମଧ୍ୟରେ ଭେଟ ହୋଇଥିଲା। ସମସ୍ତ ରୀତିନୀତି ଶେଷ ହୋଇ ରାତ୍ର ୧୧ଟା ପରେ ତିନି ଠାକୁର ବଡ଼ଦେଉଳକୁ ପହଣ୍ଡି ବିଜେ କରିଥିଲେ। ଏଥି ନିମନ୍ତେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଥିଲା। ଦେବୋତ୍ତର ବିଭାଗ ପକ୍ଷରୁ ଠାକୁରଙ୍କ ରୀତିନୀତି ସୁରୁଖୁରୁରେ ସମ୍ପନ୍ନ ହେବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଦେବୋତ୍ତର ଅଧିକାରୀ ଈଶ୍ୱର ଚନ୍ଦ୍ର ନାଏକ ଉପସ୍ଥିତ ରହି ସ୍ଥିତି ପରଖିଥିଲେ। ଏସ୍‌ପି ବି.ଗଙ୍ଗାଧର ଉପସ୍ଥିତ ରହି ରଥଯାତ୍ରା ସୁପରିଚାଳନା କରିଥିଲେ। ଟ୍ରାଫିକ ଜାମ୍ ପାଇଁ ଲୋକେ ଘଣ୍ଟାଧିକ ସମୟ ଅଟକି ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

balasoreselfie@gmail.com



@ବିକାଶ



@ଶୁଭଶ୍ରୀ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଚିତ୍ରଡ଼ାରେ ବାହୁଡ଼ାଯାତ୍ରା

**ମୋରଡା,୩୦।୬(ସ୍ମାରକ ମାଝୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ପ୍ରସିଦ୍ଧ ଚିତ୍ରଡ଼ା ରଥଯାତ୍ରାର ବାହୁଡ଼ା ପର୍ବ ଶୁକ୍ରବାର ସମ୍ପନ୍ନ ହୋଇଛି। ଅଧାବାଟ ତଥା ବ୍ଲକ ଛକରେ ଥିବା ରଥକୁ ଗୁରୁବାର ଏକାଦଶୀ ଯୋଗୁ ଟଣା ହୋଇ ନ ଥିବା ବେଳେ ଶୁକ୍ରବାର ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇଥିଲା। ପୂର୍ବାହ୍ନରେ ଠାକୁରଙ୍କ ଦର୍ଶନ ଓ ରଥ ଟାଣିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଏକାଠି ହୋଇଥିଲେ। ଜୟ ଜଗନ୍ନାଥ ଧ୍ୱନି ଦେଇ ଶ୍ରଦ୍ଧାଳୁମାନେ ରଥ ଟାଣି ଟାଣି ମନ୍ଦିର ନିକଟକୁ ନେଇଥିଲେ। ମୋରଡ଼ା ପୋଲିସ, ମନ୍ଦିର ପ୍ରଶାସନ, ଡ୍ରାଇଭର ସଂଘ ଓ ସ୍କାଉଟ ଦଳ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାଜ୍ୟସଭା ସଦସ୍ୟ ମମତା ମହାନ୍ତ, ବିଧାୟକ ରାଜକିଶୋର ଦାସ ଓ ଦେବାଶିଷ ମାର୍ଣ୍ଡି ବାହୁଡ଼ାଯାତ୍ରାରେ ଯୋଗ ଦେଇଥିଲେ। ଇସ୍କନ ତରଫରୁ ରଥଦାଣ୍ଡରେ ଭଜନ ସମାରୋହ ଆୟୋଜନ କରାଯାଇଥିଲା। ତେବେ ରଥଟଣା କାର୍ଯ୍ୟ ସରିବା ପରେ ଠାକୁରଙ୍କ ଦର୍ଶନ କରି ଶ୍ରଦ୍ଧାଳୁମାନେ ରଥ ଉପରୁ ଲଡୁ ଭୋଗ ଫିଙ୍ଗିଥିଲେ। ପରେ ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ ହୋଇଥିଲା।

## ସୁନାବେଶ ଦେଖି ଫେରୁଥିବା ବେଳେ ଦୁର୍ଘଟଣା

**ବନ୍ତ,୩୦।୬(ହରିନାରାୟଣ ମହାନ୍ତି)**

ପୁରୀରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ ଦର୍ଶନ ସାରି ଯୁବକମାନେ ଘରକୁ ଫେରୁଥିବା ବେଳେ ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଚାରିପୋଖରିଆ ଛକଠାରେ ଶୁକ୍ରବାର ଭୋର ସମୟରେ ଏକ ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଥିବା ବେଳେ ଅନ୍ୟ ୨ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବନ୍ତ ଥାନା ଅଧୀନ ଟିଲୋ ପଞ୍ଚାୟତ ଦେବତାଗଡ଼ିଆର ୩ ଯୁବକ ଏକ ସ୍କର୍ପିଓରେ ପୁରୀରୁ ଫେରୁଥିଲେ। ଚାରିପୋଖରିଆ ଛକଠାରେ ଗାଡ଼ିଟି ଏକ ଗଛକୁ ଧକ୍କା ଦେଇ ରାସ୍ତାତଳକୁ ଖସିପଡ଼ିଥିଲା। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରଥଯାତ୍ରା

**ବାଲେଶ୍ୱର, ୩୦।୬(ମାନସ ବିଶ୍ୱାଳ)**



ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ମହାଆଡ଼ମ୍ବରରେ ପାଳିତ ହୋଇଛି ରଥଯାତ୍ରା। ଶୁକ୍ରବାର ଅଧରପଣା ନୀତି ପରେ ଭାଇଭଉଣୀଙ୍କ ସହ ମହାପ୍ରଭୁଙ୍କୁ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ ଜଗନ୍ନାଥ ମନ୍ଦିର ରତ୍ନବେଦୀକୁ ନିଆଯାଇଥିଲା। ମାଉସୀ ମା’ଙ୍କ ଘରେ ନବଦିନାତ୍ମକ ଲୀଳାଖେଳା ଶେଷ ପରେ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ଗହଣରେ ବାହୁଡ଼ିଥିଲେ ମହାପ୍ରଭୁ। ବୁଧବାର ଅପରାହ୍ନ ୪ଟାରେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଥିବା ଗୁଣ୍ଡିଚା ମନ୍ଦିରରେ ନୀତିକାନ୍ତି ଶେଷ ହେବା ପରେ ରଥ ଉପରେ ବିଜେ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଛେରାପହଁରା କରିସାରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ନୃତ୍ୟ, ଗୀତ, ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସାରା ବିଶ୍ୱବିଦ୍ୟାଳୟ ପରିସର ପ୍ରକମ୍ପିତ ହୋଇଥିଲା। ଚାରିଆଡ଼େ ଭକ୍ତ ଭଗବାନଙ୍କ ମିଳନରେ ଏକ ଭାବଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ରଥ ନିର୍ମାଣ କରିଥିବା କାରିଗରମାନଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ସମ୍ମାନିତ କରିଥିଲେ। ସେହିପରି ଗୁରୁବାର ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ପବିତ୍ର ହରିଶୟନ ଏକାଦଶୀ ଉପଲକ୍ଷେ ସୁନାବେଶରେ ଦର୍ଶନ ଦେଇଥିଲେ ମହାପ୍ରଭୁ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା।

# କଲେଜ ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଧାମନଗର, ୩୦।୬(ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)**

ପବିତ୍ର ସକାଳ ପରି କୋମଳ ଏବଂ ଗୋଧୂଳି ପରି ମନୋରମ। ତାଙ୍କ ଅଧକ୍ଷତା ବେଳେ ବ୍ୟବହାର ଓ କର୍ତ୍ତବ୍ୟନିଷ୍ଠା ପାଇଁ ଛାତ୍ରୀଛାତ୍ର, ସହକର୍ମୀ ଏବଂ ଅଭିଭାବକଙ୍କ ମହଲରେ ସେ ପ୍ରିୟପାତ୍ର ହୋଇପାରିଥିବା ପ୍ରାଧ୍ୟାପକ ବନମାଳୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଧାମନଗର ମହାବିଦ୍ୟାଳୟର ଅଧକ୍ଷ ପବିତ୍ର ପାଣିଗ୍ରାହୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମତପ୍ରକାଶ ପାଇଛି। ମହାବିଦ୍ୟାଳୟ କର୍ମଚାରୀ ସଂଘ ଓ ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ସଭାରେ ଅଧ୍ୟାପିକା ଅଧ୍ୟାପକ ପ୍ରଦୀପ ରାୟ, ମହମ୍ମଦ ଇସ୍ରାଇଲ, ଅଜୟ ବେଜ, ଆଶିଷ ସ୍ୱାଇଁ, ସରୋଜ ପଣ୍ଡା, ସଞ୍ଜୟ ପଣ୍ଡା, ଡ. ମନୋଜ କର, ଆଶୀର୍ବାଦ ମହାନ୍ତି, ଡ. ପ୍ରଶାନ୍ତ ପରିଡ଼ା, ଡ. ଦେବାଶିଷ ମଲ୍ଲିକ, ଚିନ୍ମୟ ଜେନା, ସ୍ମରଣିକା ପ୍ରଧାନ, ବାସ୍ତବିକା ଦାସ, ଆଦ୍ୟାରଶ୍ମି ମିଶ୍ର, ଅଞ୍ଜନ ନାୟକ, ସରୋଜ ରଞ୍ଜନ ନନ୍ଦ, ଚାନ୍ଦ ମହମ୍ମଦ ପ୍ରମୁଖ ଯୋଗ ଦେଇଥିଲେ। କର୍ମଚାରୀଙ୍କ ମଧ୍ୟରେ ଜିଜ୍ଞାସୁ ଦାଶ, ଜୟନ୍ତ ରାୟମହାପାତ୍ର, ନାରାୟଣ ଧଳ, ଦୁର୍ଗା ଚରଣ ମଳିକ, ଖବରଦାତା ରସାନନ୍ଦ ମହାପାତ୍ର, ପ୍ରଦୀପ ମହାପାତ୍ର, ଦେବେନ୍ଦ୍ର ଆନ୍ଦିଆ, ସରୋଜ ସେଠୀ, ପ୍ରଶାନ୍ତ ସାହୁ, ଶେଖ ଜାଫୋ, ଛାତ୍ର ଅରବିନ୍ଦ ଷଡ଼ଙ୍ଗୀ, ଛାତ୍ରୀ ସ୍ଥିତିପ୍ରଜ୍ଞା ମିଶ୍ର, ସାମାଜିକ କର୍ମୀ ଚକ୍ରଧର ସାମଲ, କେଦାର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଇତିହାସ ବିଭାଗ ଶ୍ରେଣୀକକ୍ଷରେ ଅଧ୍ୟାପକ ଆଶିଷ ସ୍ୱାଇଁ ଓ ସଞ୍ଜୟ ପଣ୍ଡାଙ୍କ ପରିଚାଳନାରେ ବିଭାଗ ମୁଖ୍ୟ ଅଧକ୍ଷ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସୁଶ୍ରୀ ସଂଗୀତା ନାୟକ, ସୁଧାକର ଦାଶ, ପ୍ରତିଭା ପଣ୍ଡା, ଭାଗୀରଥି ମାଝୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ଧାମନଗର କଲେଜ କର୍ମଚାରୀ ସଂଘ ପକ୍ଷରୁ ଅଧକ୍ଷ ପବିତ୍ର ପାଣିଗ୍ରାହୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

## ହାଟଡ଼ିହୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡାକ୍ତର

ହାଟଡ଼ିହୀ,୩୦।୬ (ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ମେଡିକାଲରେ ଶୁକ୍ରବାର ନୂତନ ଡାକ୍ତର ଭାବେ ଅନନ୍ୟା ଦାସ ଯୋଗଦାନ କରିଛନ୍ତି। ଦୀର୍ଘ ବର୍ଷ ହେବ ସ୍ଥାୟୀ ଡାକ୍ତରଭାବେ କେହି ନ ଥିଲେ। ଫଳରେ ବିଭିନ୍ନ ସମୟରେ ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ଅନ୍ୟତ୍ୟ ଚିକିତ୍ସା ପାଇଁ ଯାଉଥିଲେ। ନୂତନ ଡାକ୍ତରଙ୍କ ନିଯୁକ୍ତି ପରେ ସ୍ଥାନୀୟ ଅଞ୍ଚଳବାସୀ ଖୁସି ପ୍ରକଟ କରିବା ସହ ଡାକ୍ତର ଦାସଙ୍କୁ ସ୍ୱାଗତ, ଶୁଭେଚ୍ଛା ଜଣାଇଛନ୍ତି। ଏହା ପୂର୍ବରୁ ସେ ଏଫଏମ ମେଡିକାଲ କଲେଜରେ କାର୍ଯ୍ୟରତ ଥିଲେ।

# ଚାକିରି ଦେବା ନାଁରେ ଠକେଇ, ଜଣେ ଗିରଫ

**ଉଦଳା,୩୦।୬(ସନ୍ତୋଷ କୁମାର ବାଛିନୀ)**

ଡାକ୍ତରଖାନାରେ ଚିକିରି କରାଇଦେବାକୁ କହି ଟଙ୍କା ଲୁଟୁଥିବା ଅଭିଯୋଗରେ ଉଦଳା ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଉଦଳା ଏନ୍‌ଏସି ୪ ନଂ. ୱାର୍ଡର ରଜତ କୁମାର ପାତ୍ର। ଚାକିରି କରାଇଦେବାକୁ କହି ଲୋକଙ୍କ ନିକଟରୁ ଲକ୍ଷ ଲକ୍ଷ ଟଙ୍କା ଠକିଥିବା ଅଭିଯୋଗ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଯୁବକ ଉଦଳା ଡାକ୍ତରଖାନାରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଡାକ୍ତରଖାନାରେ ଚାକିରି କରାଇଦେବାକୁ କହି ଦୀର୍ଘ ୫ ବର୍ଷ ହେବ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନିକଟରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ମାତ୍ର ସେ ନିଜେ ୩ ବର୍ଷ ହେବ ଚାକିରିରୁ ବିଦା ହୋଇସାରିଲେଣି। ଚାକିରି ନ ଦେବାରୁ ଲୋକେ ଥାନାରେ ଏତଲା ଦେଇଥିଲେ। ଗିରଫ ଭୟରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗୁରୁବାର ରାତିରେ ଘରକୁ ଆସିଥିବା ବେଳେ ଲୋକେ ଜାଣିପାରି ତାଙ୍କୁ ଅଟକାଇ ପୋଲିସ ଜିମା ଦେଇଥିଲେ। ଅନ୍ୟପକ୍ଷେ ଅଭିଯୁକ୍ତ ସ୍ତ୍ରୀ କପ୍ତିପଦା ଡାକ୍ତରଖାନାରେ ଚାକିରି କରିଥିବା ବେଳେ ଏହାର ଫାଇଦା ନେଇ କପ୍ତିପଦା ଅଞ୍ଚଳର କିଛି ଲୋକଙ୍କୁ ଚାକିରି ଦେବାକୁ କହି ଟଙ୍କା ଠକି ନେଇଛନ୍ତି। ଠକାମୀର ଶିକାର ହୋଇଥିବା ବ୍ୟକ୍ତି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବାଇକ୍ ଚୋରି ଘଟଣା, ଅଭିଯୁକ୍ତ ଗିରଫ

**ସୋର, ୩୦।୬(ଜନ୍ମେଜୟ ମିଶ୍ର):** ସୋର ପୌରପାଳିକା ଅନ୍ତର୍ଗତ ଉତ୍ତରେଶ୍ୱରରେ ଥିବା ଏଲ୍‌ଆଇସି ଅଫିସ ସମ୍ମାରୁ ଗତ ୨୬ ତାରିଖରେ ହୋଇଥିବା ଏକ ବାଇକ୍ ଚୋରି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗୁରୁବାର ବିଳମ୍ବିତ ରାତିରେ ଗିରଫ କରି ଶୁକ୍ରବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ଖନ୍ତାପଡ଼ା ଥାନା ଷଠୀ ଗ୍ରାମର ଗଣେଶ ଚନ୍ଦ୍ର ଓଝା ଜଣେ ଏଲ୍‌ଆଇସି ଏଜେଣ୍ଟ ଭାବେ କାର୍ଯ୍ୟ କରନ୍ତି। ସେ ସୋର ଏଲ୍‌ଆଇସି ଅଫିସକୁ ଆସିଥିଲେ। ଅଫିସ ସମ୍ମୁଖରେ ତାଙ୍କର ବାଇକ୍ (ନଂ. ଓଡ଼ି୦୧ଭି-୬୪୩୦)କୁ ରଖି ଅଫିସ ଭିତରକୁ ଯାଇଥିଲେ। କାର୍ଯ୍ୟ ସାରି ଫେରିବା ପରେ ଗାଡ଼ିଟିକୁ ନ ପାଇ ନିକଟରେ ଲାଗିଥିବା ଏକ ସିସିଟିଭି କ୍ୟାମେରାରେ ଗାଡ଼ିକୁ ଜଣେ ବ୍ୟକ୍ତି ନେଇଯାଉଥିବା ଦେଖିଥିଲେ। ଏନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୭୭/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଖନ୍ତାପଡ଼ା ଥାନା ଅଲସୁଆଁ ଗ୍ରାମର ଅନନ୍ତ କୁମାର ପଟ୍ଟନାୟକଙ୍କୁ ଗିରଫ କରି ଅପରାହ୍ନରେ ଡାକ୍ତରୀମାଇନା ପରେ ତାକୁ କୋର୍ଟଚାଲାଣ କରିବା ସହିତ ଚୋରି ବାଇକ୍‌କୁ ପୋଲିସ ଉଦ୍ଧାର କରିଛି।

# ବ୍ଲକସ୍ତରୀୟ ମତ୍ସ୍ୟ ଚାଷ ଓ ଯୋଜନା ସଚେତନତା ଶିବିର




ଅତିଥିଙ୍କ ମଧ୍ୟରେ ମତ୍ସ୍ୟ ବିଶେଷଜ୍ଞ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି ସୂଚନା ପ୍ରଦାନ କରୁଛନ୍ତି।

**ସିମୁଳିଆ, ୩୦।୬(ସନ୍ତୋଷ ନାୟକ)**

ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍‌ର ଭରଣା ସହିତ ମାଛଚାଷ ଦ୍ୱାରା ସ୍ୱାବଲମ୍ବୀ ହୋଇ ଆର୍ଥିକ ମାନଦଣ୍ଡ ବୃଦ୍ଧି ଉଦ୍ଦେଶ୍ୟରେ ସିମୁଳିଆ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ‘ମତ୍ସ୍ୟଚାଷ ଓ ମତ୍ସ୍ୟ ଯୋଜନା ସମ୍ବନ୍ଧୀୟ ବ୍ଲକସ୍ତରୀୟ ସଚେତନତା ଶିବିର’ ଅନୁଷ୍ଠିତ ହୋଇଥିଲା।

ଜିଲା ମତ୍ସ୍ୟ ବିଭାଗ ନିର୍ଦ୍ଦେଶରେ ଓ ବିଡିଓ ପୃଥିରାଜ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଏଏଫ୍‌ଓ କାର୍ତ୍ତିକ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ। ଶିବିରରେ ବିଭିନ୍ନ ଚାଷୀ ଯୋଗଦେଇଥିଲେ। ମୁଖ୍ୟଅତିଥି ତଥା ମତ୍ସ୍ୟ ବିଶେଷଜ୍ଞ ରୂପେ ନୀଳଗିରି ମତ୍ସ୍ୟ ଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି ଯୋଗଦେଇ ମାଛ ଚାଷ ଦ୍ୱାରା ଚାଷୀମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ସୂଚନା ଦେବା ସହିତ ମାଛ ଚାଷ ପାଇଁ ପୋଖରୀ ପ୍ରସ୍ତୁତି, ଖାଦ୍ୟ ଓ ପ୍ରାକୃତିକ ଖାଦ୍ୟ ପରିଚାଳନା, ରୋଗ ଓ ନିରାକରଣ ଆଦି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସିମୁଳିଆ ବ୍ଲକ ଏଏଫ୍‌ଓ କାର୍ତ୍ତିକ ଚନ୍ଦ୍ର ମହାନ୍ତି ମାଛ ଚାଷ ପାଇଁ ସରକାରଙ୍କ ବିଭିନ୍ନ ସ୍କିମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରଶ୍ମିତା ଘଡିଆ, ଗଗନ କୁମାର ମିଶ୍ର ପ୍ରମୁଖ ଥିଲେ।

# ସହରରେ ଟ୍ରାଫିକ ସମସ୍ୟା ଗୁରୁତର

**ଭାରିଯାନ ଚଳାଚଳରେ କଟକଣା ଲାଗୁନି**

**କେନ୍ଦୁଝର,୩୦।୬ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)**

କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ବିଶେଷ କରି ରାମ ରାମ ଗଳି ରାସ୍ତାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବିଗୁଡୁଛି। ଗାଡ଼ି ପାର୍କିଂ ପାଇଁ ସ୍ଥାନ ନ ଥିବାରୁ ଲୋକେ ରାସ୍ତା ଉପରେ ପାର୍କିଂ କରିବାକୁ ବାଧ ହେଉଛନ୍ତି। ସହର ମଧ୍ୟରେ ଭାରିଯାନ ଚଳାଚଳ ପରିସ୍ଥିତିକୁ ଅଧିକ ଜଟିଳ କରିଦେଉଛି। ବିଶେଷକରି ସହର ମଧ୍ୟରେ ଆଳୁ, ପିଆଜ, ଫଳ, ଖାଦ୍ୟ ସାମଗ୍ରୀ ଲୁଗାପଟା ଆଦି ଗୋଦାମ ଘର ଚାଲୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ମତପ୍ରକାଶ ପାଉଛି। ଏ ସମ୍ପର୍କରେ କେନ୍ଦୁଝର ପୌରପରିଷଦରେ ଅନେକ ଥର ଅଭିଯୋଗ କଲେ ବି କିଛି ଫଳ ମିଳୁନାହିଁ।

ସୂଚନା ଅନୁଯାୟୀ, ଅଜନ୍ତା ଗଳି, ରାମରାମ ଗଳି ରାସ୍ତାଗୁଡ଼ିକ ବଡ଼ ଟ୍ରକ୍ ଦ୍ୱାରା ଘଣ୍ଟା ଘଣ୍ଟା ଜବରଦଖଲ ହୋଇ ରହୁଛି। ଏଥିପ୍ରତି ପୋଲିସ କିମ୍ବା ପୌର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଉକ୍ତ ଅଞ୍ଚଳରେ ରହୁଥିବା ସରକାରୀ କର୍ମଚାରୀ ଓ ସାଧାରଣ ଲୋକମାନେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ରାସ୍ତା ଓ ଡ୍ରେନ୍ ଭାଙ୍ଗୁଥିବାରୁ ଲକ୍ଷାଧିକ ଟଙ୍କା କ୍ଷତି ହେବା ସହ ଟ୍ରାଫିକ ଜାମ୍ ହେଉଥିଲେ ହେଁ ପ୍ରଶାସନ ନ ଶୁଣି ଚୁପ୍ ରହୁଛି। ଏଭଳି ପରିସ୍ଥିତିକୁ ନେଇ ଉକ୍ତ ଗଳି ରାସ୍ତା ଗୁଡ଼ିକରେ କିଛି ବର୍ଷ ପୂର୍ବେ ଲୁହା ଗେଟ୍ ଲଗାଯାଇ ଟ୍ରକ୍ ଯାତାୟାତ ବାରଣ କରାଯାଇଥିଲା। ଗୋଦାମ ଘର ସହର ବାହାରେ କରିବା ପାଇଁ କୁହାଯାଇଥିଲା। କିନ୍ତୁ ଇତି ମଧ୍ୟରେ ବହୁ ବର୍ଷ ବିତିଯାଇଥିଲେ ହେଁ ଗୋଦାମ ସ୍ଥାନାନ୍ତର କରାଯାଉନାହିଁ କିମ୍ବା ପୁଣି ଲୁହା ଗେଟ୍ ଲଗାଇ କଟକଣା ଲଗାଯାଉନାହିଁ। ବିଶେଷକରି ସାପ୍ତାହିକ ହାଟ ଭିଡ଼ ସମୟରେ ତଥା ଅନ୍ୟ ଦିନ ମାନଙ୍କରେ ଦିନ ୯/୧୦ଟା ସମୟରେ ମଧ ଉକ୍ତ ଗଳି ରାସ୍ତାରେ ଟ୍ରକ୍ ଚଳାଚଳ ଏବଂ ପାର୍କିଂ କରାଯାଉଛି। ଫଳରେ ଯାତାୟାତ ସମସ୍ୟା ସୃଷ୍ଟି ହେବା ସହ ପାହାଡ଼ରୁ ଆସି ରାସ୍ତା କଡ଼ରେ ବିକ୍ରି କରୁଥିବା ଆଦିବାସୀ ଓ ଛୋଟ ବେପାରୀମାନଙ୍କୁ ନାଲିଆଖି ଦେଖାଇ ଉଠାଇ ଗାଡ଼ି ଚଳାଚଳ କରାଯାଉଥିବା ଅଭିଯୋଗ ହେଉଛି। ଗଳି ରାସ୍ତା କଡ଼ରେ ଫଳ, ଆଳୁ, ଅନ୍ୟାନ୍ୟ ଖାଉଟି ଦ୍ରବ୍ୟର ଗୋଦାମ ରହିବା ହେତୁ ଦିନରେ ବଡ଼ ବଡ଼ ଟ୍ରକ ଲାଗି ସାମ୍ରୀ ଖାଲି କରାଯାଉଛି। ଫଳରେ ଟ୍ରାଫିକ୍ ସମସ୍ୟା ବଢୁଛି ବୋଲି ବୁଦ୍ଧିଜୀବୀ ରବିନ୍ଦ୍ର ପାଢ଼ୀ କହିଛନ୍ତି। ରାସ୍ତାର ଦୁଇ ପାଖରେ ଲୁହା ବାର ଲଗାଇ ବାକୁ ଦାବି ହୋଇ ଆସୁଥିଲେ ମଧ କେନ୍ଦୁଝର ଗଡ଼ ପୌରପରିଷଦ କର୍ଣ୍ଣପାତ କରୁ ନ ଥିବା କୁହାଯାଇଛି। ଏ ସମ୍ପର୍କରେ ମ୍ୟୁନିସିପାଲିଟି ଏଜକ୍ୟୁଟିଭ ଅଫିସର ମଧୁସ୍ମିତା ସାମନ୍ତରାୟଙ୍କୁ ପଚାରିବାରୁ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏନେଇ କେନ୍ଦୁଝରଗଡ଼ ପୌରପାଳିକା ସଂଗ୍ରାମ ବେହେରା କହିଛନ୍ତି, ପୌରପାଳିକା ପକ୍ଷରୁ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଛି। ଖୁବ୍ ଶୀଘ୍ର ସହର ଓ ଗଳି ରାସ୍ତାରେ ଭାରିଯାନ ଚଳାଚଳ ପାଇଁ ବୋର୍ଡ ବା ଗେଟ୍ ଲଗାଯାଇ କଟକଣା କରାଯିବ। ରାସ୍ତା, ଡ୍ରେନ୍ ଭାଙ୍ଗିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସହର ମଧ୍ୟରେ ଥିବା ଏକ ଗୋଦାମ ସମ୍ମୁଖରେ ଭାରିଯାନରୁ ସାମଗ୍ରୀ ଖାଲି କରାଯାଉଛି।

